# ଗୌତମ ବୁଦ୍ଧ

https://or.wikipedia.org/s/10w

ଉଇକିପିଡ଼ିଆ ରୁ

**ବୁଦ୍ଧ (ପାଳି: ସିଧାଥ ଗୋତମ ବୁଧ)** ବୌଦ୍ଧ ଧର୍ମର ପ୍ରତିଷ୍ଠାତା ଓ ଧର୍ମ ସଂସ୍ଥାପକ ଥିଲେ । [୧] ବୌଦ୍ଧ ଧର୍ମ ବିଶ୍ୱାସୀଙ୍କ ମଧ୍ୟରେ ସେ ସର୍ବଶ୍ରେଷ୍ଠ **ବୁଦ୍ଧ** (P. *sammāsambuddha*, S. *samyaksaṃbuddha*) ଭାବରେ ଜଣା, "ବୁଧ/ବୁଦ୍ଧ" ଶବ୍ଦର ଅର୍ଥ ପାଳି ଭାଷାରେ "ଉଠିଥିବା" ବା "ଆଲୋକିତ" ବୁଝାଇଥାଏ [ଟୀକା ୧]

ଇତିହାସ ଅନୁସାରେ ବୁଦ୍ଧଙ୍କ ଜନ୍ମ ପୁରାତନ ଓଡ଼ିଶା ବା **କଳିଙ୍ଗ**ର ଭୁବନେଶ୍ୱର ନିକଟରେ ଥିବା କପିଳେଶ୍ୱର ଜନପଦରେ ହୋଇଥିଲା । ଅଶୋକଙ୍କ ଶିଳାଲେଖ, ଜଉଗଡ଼ର ଶିଳାଲେଖ ଓ ସେକାଳରେ ଓଡ଼ିଶାରେ ପ୍ରଚଳିତ ଭାଷା ପାଳି ଭାଷାର ବ୍ୟବହାର କରାଯାଇଥିବା ବୌଦ୍ଧ ଧର୍ମଗ୍ରନ୍ଥ ତ୍ରିପିଟକର ଭାଷାରୁ ଏକଥା ପ୍ରମାଣ ମିଳିଥାଏ ।[୨][୩][୪][୫] ତେବେ କିଛି ଗବେଷକଙ୍କ ମତରେ ବୁଦ୍ଧଙ୍କ ଜନ୍ମ ନେପାଳର କପିଳବାସ୍ତୁ ଠାରେ ।

**ଗୌତମ ବୁଦ୍ଧ**



ଧଉଳିଠାରେ ଥିବା ବୁଦ୍ଧଙ୍କ ମୂର୍ତ୍ତି

| | |
|---|---|
| **ଜନ୍ମ ଓ ଜନ୍ମସ୍ଥାନ** | ୫୬୩ ଖ୍ରୀ.ପୂ ବା ୬୨୩ ଖ୍ରୀ.ପ.<br>ଲୁମ୍ବିନି ଉଦ୍ୟାନ,(ବର୍ତ୍ତମାନ ନେପାଳ) |
| **ତିରୋଧାନ** | ୪୮୩ ଖ୍ରୀ.ପୂ ବା ୫୪୩ ଖ୍ରୀ.ପୂ. (୮୦ ବର୍ଷ)<br>କୁଶୀନଗର,ଉତ୍ତରପ୍ରଦେଶ, ଭାରତ |
| **ଆଞ୍ଚଳିକତା** | ଶାକ୍ୟ |
| **ପ୍ରସିଦ୍ଧି** | ବୌଦ୍ଧ ଧର୍ମର ପ୍ରତିଷ୍ଠାତା |
| **ପୂର୍ବ** | କାସପ ବୁଦ୍ଧ |
| **ଉତ୍ତରାଧିକାରୀ** | ମେତ୍ତେୟ ବୁଦ୍ଧ |

## ବିଷୟସୂଚୀ


- ୧ ଜୀବନୀ
- ୨ କିମ୍ବଦନ୍ତୀ
- ୩ ବୌଦ୍ଧ ଧର୍ମ
- ୪ ବୌଦ୍ଧଧର୍ମର ପ୍ରସାର
- ୫ ଆହୁରି ଦେଖନ୍ତୁ
- ୬ ଆଧାର
- ୭ ବାହାର ତଥ୍ୟ


## ଜୀବନୀ

ଗୌତମ ବୁଦ୍ଧ ବୌଦ୍ଧ ଧର୍ମର ପ୍ରତିଷ୍ଠାତା ।[୬] ସେ ଖ୍ରୀ. ପୂ ୫୬୭ (ମତାନ୍ତର) ରେ ହିମାଳୟର ପାଦଦେଶରେ ଅବସ୍ଥିତ କପିଳବାସ୍ତୁ ନିକଟବର୍ତ୍ତୀ ଲୁମ୍ବିନୀ ଉପବନରେ ଜନ୍ମ ଗ୍ରହଣ କରିଥିଲେ । କପିଳାବାସ୍ତୁ ଶାକ୍ୟବଂଶୀୟ କ୍ଷତ୍ରିୟମାନଙ୍କର ଏକ କ୍ଷୁଦ୍ର ରାଜ୍ୟ ଥିଲା । ଗୌତମଙ୍କର ପିତା ଶୁଦ୍ଧୋଦନ ଏହି ଶାକ୍ୟ ଗଣତନ୍ତ୍ରର ରାଜା ଥିଲେ ।[୭] ତାଙ୍କର ମାତାନକ ନାମ ଥିଲା ମାୟାଦେବୀ । ଜନ୍ମ ଲାଭ କରିବାର ଏକ ସପ୍ତାହ ପରେ ତାଙ୍କର ମାତା ମାୟାଦେବୀଙ୍କର ମୃତ୍ୟୁ ହେବାରୁ ବିମାତା ଗୌତମୀଙ୍କ ଦ୍ୱାରା ପରିପାଳିତ ହୋଇ ଥିଲେ । [୮] ରାଜପୁତ୍ର ହେଲେ ମଧ୍ୟ ରାଜକୀୟ ଭୋଗବିଳାସ ପ୍ରତି ତାଙ୍କର ମନ ଆଦୌ ଆକୃଷ୍ଟ ନଥିଲେ । ସେ ସଂସାରବିରାଗୀ ଥିଲେ । ପୁତ୍ରର ମନ ପରିବର୍ତ୍ତନ ନିମନ୍ତେ ଶୁଦ୍ଧୋଦନ ଗୌତମଙ୍କୁ ଗୋପାନାମ୍ନୀ ଏକ ସୁନ୍ଦରୀ ରାଜକନ୍ୟାଙ୍କ ସହିତ ବିବାହ କରାଇଥିଲେ । ବିବାହ ପରେ ଗୌତମଙ୍କର ଏକ ପୁତ୍ର ସନ୍ତାନ ଜାତ ହୋଇଥିଲା । ଏସବୁ ସତ୍ତ୍ୱେ ଗୌତମଙ୍କର ମନ ପରିବର୍ତ୍ତନ ହୋଇନଥିଲା । [୯]

## କିମ୍ବଦନ୍ତୀ

କପିଳାବାସ୍ତୁ ନଗର ପରିଭ୍ରମଣ କଲାବେଳେ ଗୌତମ ଏକ ଜରାଗ୍ରସ୍ତ, ଏକ ରୁଗ୍ଣ ବ୍ୟକ୍ତି ଏବଂ ଏକ ଶବ ଦେଖିବାରୁ ମନରେ ଗଭୀର ଦୁଃଖ ଅନୁଭବ କଲେ । ମନୁଷ୍ୟର ଜନ୍ମ ,ବାର୍ଦ୍ଧକ୍ୟ,ରୋଗ,ଦୁଃଖ, କ୍ଳେଶ, ମୃତ୍ୟୁ ଇତ୍ୟାଦି ବିଷୟ ଚିନ୍ତାକରି ସେ ଦୁଖଃରେ ଅଭିଭୂତ ହୋଇପଡିଲେ । ସେ ଏସବୁଥିରୁ ମୁକ୍ତିଲାଭ କରିବାର ଉପାୟ ଚିନ୍ତା କରିବାକୁ ଲାଗିଲେ । ଏହି ସମୟରେ ଦିନେ ସେ ଏକ ପ୍ରସନ୍ନବଦନ ସନ୍ୟାସୀଙ୍କୁ ଦେଖିଲେ । ସନ୍ୟାସ ବରଣ କଲେ ଦୁଃଖରୁ ତ୍ରାହି ମିଳିବ ବୋଲି ସେ ୨୯ ବର୍ଷ ବୟସରେ ଦିନେ ନିଶାର୍ଦ୍ଧରେ ସାଂସାରିକ ମାୟାବନ୍ଧନ ଛିନ୍ନକରି ସମସ୍ତଙ୍କ ଅଗୋଚରରେ ରାଜପ୍ରସଦ ତ୍ୟାଗକରିଥିଲେ । [୧୦]

## ବୌଦ୍ଧ ଧର୍ମ

sddfd gfgfgfg gfgfg

## ବୌଦ୍ଧଧର୍ମର ପ୍ରସାର

ଗୌତମ ବୁଦ୍ଧଙ୍କ ପରିନିର୍ମାଣର ଅଳ୍ପ କାଳପରେ ବୌଦ୍ଧ ଧର୍ମ ସମଗ୍ର ଭାରତବର୍ଷରେ ପ୍ରସାରଲାଭ କରିଥିଲା । ବିଶେଷତଃ ଖ୍ରୀ.ପୂ. ତୃତୀୟ ଶତାବ୍ଦୀରେ ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ ପୃଷ୍ଠପୋଷକତାରେ ବୌଦ୍ଧ ଧର୍ମ କେବଳ ଭାରତରେ ନୁହେଁ, ଭାରତ ବାହାରେ ପଶ୍ଚିମରେ ଗ୍ରୀସ ଦେଶଠାରୁ ପୂର୍ବରୁ ବ୍ରହ୍ମଦେଶ ଏବଂ ଦକ୍ଷିଣରେ ସିଂହଳ ପର୍ଯ୍ୟନ୍ତ ପ୍ରସାରିତ ହୋଇଥିଲା । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ କୁଶାଣବଂଶର ଶ୍ରେଷ୍ଠସମ୍ରାଟ କନିଷ୍କଙ୍କ ପ୍ରେରଣାରେ ବୌଦ୍ଧଧର୍ମ ଚୀନ, ତିବ୍ବତ, ଜାପାନ ପ୍ରଭୃତି ଦେଶରେ ପ୍ରଚାରିତ ହୋଇଥିଲା । ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ କନୌଜର ରାଜା ହର୍ଷବର୍ଦ୍ଧନଙ୍କ ସାହାର୍ଯ୍ୟରେ ଗୌଦ୍ଧଧର୍ମ ବିଶେଷ ଅଗ୍ରଗତି କରିଥିଲା । ଏହିପରି ପୃଷ୍ଠପୋଷକତା ଲାଭକରି ବୌଦ୍ଧଧର୍ମ ପୃଥିବୀର ଏକ ମୂଖ୍ୟ ଧର୍ମରେ ପରିଣତ ହୋଇଥିଲା ।[୧୧] ରାଜା ମହାରାଜା ମାନଙ୍କ ଦ୍ୱାରା ଅତି ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ଅସଂଖ୍ୟ ବୌଦ୍ଧଗୁମ୍ଫା, ସ୍ତୁପ,ଚୈତ୍ୟ, ବୌଦ୍ଧବିହାର ଓ ବୌଦ୍ଧମୂର୍ତ୍ତିଗୁଡିକ ଭାରତର ବିଭିନ୍ନ ସ୍ଥାନରେ ନିର୍ମିତ ହୋଇ ତାହା ବୌଦ୍ଧ ଧର୍ମର ପ୍ରସାର ଦିଗରେ ଯଥେଷ୍ଟ ସାହାର୍ଯ୍ୟ କରିଥିଲା । ଅଶୋକଙ୍କର ଅନୁଶାସନ ବୌଦ୍ଧଧର୍ମ ପ୍ରସାରର ଏକ ପ୍ରଧାନ କାରଣ ।

## ଆହୁରି ଦେଖନ୍ତୁ

- ବୁଦ୍ଧ ପୂର୍ଣ୍ଣିମା
- ବୌଦ୍ଧ ଧର୍ମ

## ଆଧାର


1. ↑ "The Buddha, His Life and Teachings" (http://www.buddhanet.net/buddha.htm). Buddhanet.net. http://www.buddhanet.net/buddha.htm. Retrieved 2010-10-02.
2. ↑ http://www.hindu.com/fline/fl2204/stories/20050225001008800.htm
3. ↑ http://www.rediff.com/news/2002/sep/16spec.htm
4. ↑ http://www.srilankaguardian.org/2008/03/buddha-born-in-orissa-scholars.html
5. ↑ http://orissa.gov.in/e-magazine/Journal/jounalvol1/pdf/orhj-3.pdf
6. ↑ http://webspace.ship.edu/cgboer/buddhaintro.html
7. ↑ http://www.buddhanet.net/e-learning/buddhistworld/buddha.htm
8. ↑ http://buddhism.about.com/od/lifeofthebuddha/a/buddhalife.htm
9. ↑ http://www.thewildrose.net/the_buddha.html

10. ↑ http://www.thebigview.com/buddhism/buddhasresume.html
11. ↑ http://www.thebuddhistsociety.org/resources/Spread.html#top

## ବାହାର ତଥ୍ୟ

- Buddha (http://www.bbc.co.uk/programmes/p00548br) on *In Our Time* at the BBC. (listen now (http://www.bbc.co.uk/iplayer/console/p00548br/In_Our_Time_Buddha))
- A sketch of the Buddha's Life (http://www.accesstoinsight.org/ptf/buddha.html)
- Critical Resources: Buddha and Buddhism (http://www.synaptic.bc.ca/ejournal/buddhist.htm)
- What Was The Buddha Like? (http://www.buddhanet.net/e-learning/buddhism/disciples05.htm) by Ven S. Dhammika

**ଆଧାର ଭୁଲ: "ଟୀକା" ଗୋଠ ପାଇଁ <ref> ଚିହ୍ନ ସବୁ ରହିଅଛି, କିନ୍ତୁ କୌଣସି ବି <references group="ଟୀକା"/> ଚିହ୍ନ ମିଳିଲା ନାହିଁ**

"http://or.wikipedia.org/w/index.php?title=ଗୌତମ_ବୁଦ୍ଧ&oldid=139006" ରୁ ଅଣାଯାଇଅଛି
ଶ୍ରେଣୀସମୂହ: ବୌଦ୍ଧ ଧର୍ମ | ଧର୍ମ

---

- ଏହି ପୃଷ୍ଠାଟି ୧୦ ଜାନୁଆରୀ ୨୦୧୪ ତାରିଖ ୦୮:୦୦ ବେଳେ ବଦଳାଯାଇଥିଲା ।
- ଏହି ଲେଖା କ୍ରିଏଟିଭ କମନ୍ସ ଆଟ୍ରିବୁସନ/ସେଆର ଏଲାଇକ ଲାଇସେନ୍ସରେ ରଖାଯାଇଛି; ଆହୁରି କିଛି ନୀତି ମଧ୍ଯ ଥାଇପାରେ । ଅଧିକ ଜାଣିବା ପାଇଁ ବ୍ୟବହାର କରିବାର ନିୟମ ସବୁ ଦେଖନ୍ତୁ ।